## ସଂକ୍ଷେପରେ

### ଟ୍ରକ୍ ପଛରେ ବସ୍ ଧକ୍କା, ୧୪ ଆହତ



ଛେଣ୍ଡିପଦା,୧୦।୧୧(ସ୍ୱ.ପ୍ର.)- ଅନୁଗୋଳ-ଛେଣ୍ଡିପଦା ୬୩ ନଂ ରାଜ୍ୟ ରାଜପଥର ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ଦ୍ରୁତଗାମୀ ବସ୍ ପିଟିହୋଇ ଯିବାରୁ ୧୪ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଜଣେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ କହିଛି, ଉକ୍ତ କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର୧୯ଜି-୯୮୨୧) ରାସ୍ତା ପାର୍ଶ୍ୱରେ ପାର୍କିଂ କରିଥିଲା। ଏହି ସମୟରେ ଦେବଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଶିବଶଙ୍କର ନାମକ ଯାତ୍ରୀବାହୀ ବସ୍ (ନଂ. ଓଡି୨୮-୫୨୮୮) ଭାରସାମ୍ୟ ହରାଇ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଏ ନେଇ ଥାନାରେ ନଂ. ୨୪୨/୨୧ରେ ଏକ ମାମଲା ରୁଜୁ କରାଯାଇ ଗାଡ଼ି ଦୁଇଟିକୁ ଜବତ କରାଯାଇଥିବା ପୋଲିସ ପ୍ରକାଶ କରିଛି।

### ରାଜସ୍ୱ ସମୀକ୍ଷା ବୈଠକ

ଆଠମଲ୍ଲିକ,୧୦।୧୧(ଡି.ଏନ.ଏ.)- ଆଠମଲ୍ଲିକ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ତହସିଲଦାର ସୋଫି ସୈନିକା, କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କ ସମେତ ଦୁଇ ତହସିଲ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସୁପରଭାଇଜର ଉପସ୍ଥିତ ଥିଲେ।

### ୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୦।୧୧- ଅନୁଗୋଳ ଜିଲାରୁ ବୁଧବାର ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୪୫୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତ ୨ ଜଣ କଣିହାଁ ବ୍ଲକ ଅଞ୍ଚଳ। ସେହିପରି ଦିନକରେ ଜିଲାରୁ ଜଣେ ସଂକ୍ରମିତ କରୋନାରୁ ସୁସ୍ଥ ହୋଇଛନ୍ତି। ପୁଣି ଜଣଙ୍କର ମୃତ୍ୟୁ ହୋଇଥିବାରୁ ଜିଲାରେ ମୋଟ ମୃତକଙ୍କ ସଂଖ୍ୟା ୩୯୮ରେ ପହଞ୍ଚିଥିବା ସୂଚନା ପ୍ରଦାନ କରାଯାଇଛି।

### ପୁରୁଣା କ୍ୱାର୍ଟର୍ସରୁ ଚୋରି

ଅନୁଗୋଳ ଅଫିସ, ୧୦।୧୧- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା କ୍ୱାର୍ଟର୍ସ ଭଙ୍ଗାଯିବାକୁ ଥିବାବେଳେ ବୁଧବାର ସେଠାରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଉକ୍ତ ଘରେ ଲାଗିଥିବା ଫ୍ୟାନ୍, ଇଲେକ୍ଟ୍ରିକାଲ୍, ପାଣି ସାୱାର, ବେସିନ୍ ଆଦି ଚୋରି କରାଯାଇଛି। ଅପରାହ୍ନ ୨ଟାରୁ ୩ ମଧ୍ୟରେ ଦୁର୍ବୃତ୍ତମାନେ ଥରେ ଚୋରି କରିବା ପରେ ପୁନର୍ବାର ସନ୍ଧ୍ୟା ୬ଟାରେ କିଛି ସାମଗ୍ରୀ ଚୋରି କରିଥିଲେ। ଏ ନେଇ ଖବରପାଇବା ପରେ ସୁରକ୍ଷାକର୍ମୀ ସେମାନଙ୍କୁ ଗୋଡ଼ାଇଥିଲେ। ଫଳରେ କିଛି ସାମଗ୍ରୀ ଫିଙ୍ଗିଦେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ।

### ଜନସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ ଜାରି



ଅନୁଗୋଳ ଅଫିସ, ୧୦।୧୧- ଅନୁଗୋଳ ସହରରେ ପାନୀୟ ଜଳ ବ୍ୟବସାୟ କରୁଥିବା କେତୋଟି ସଂସ୍ଥା ଉପରେ ଚଢ଼ାଉ ଜାରି ରହିଛି। ମଙ୍ଗଳବାର ୩ଟି ସଂସ୍ଥା ଉପରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଥିବା ବେଳେ ବୁଧବାର ୫ଟି ସଂସ୍ଥାକୁ ୧୨ ହଜାର ଟଙ୍କା ଜରିମାନା କରାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ କେତୋଟି ସଂସ୍ଥାକୁ ତାଗିଦ୍ କରାଯାଇଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସରକାରୀ ନିୟମ ପାଳନ କରୁ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ଏପରି ଖବର ପାଇବା ପରେ ଆଉ କେତୋଟି ସଂସ୍ଥା ଫ୍ୟାକ୍ଟ୍ରିରେ ତାଲା ପକାଇ ଦେଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ଏଡିଏମ୍ଓ (ଜନସ୍ୱାସ୍ଥ୍ୟ) ଡାକ୍ତର ଧନଞ୍ଜୟ ବେହେରା, ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରା, ଅନ୍ୟ କର୍ମଚାରୀ ଓ ପୋଲିସ ସାମିଲ ଥିଲେ।

# ୧୨ ଘରୋଇ ସଂସ୍ଥା କରିବେ କୋଇଲା ଉତ୍ତୋଳନ

**ଅନୁଗୋଳ ଅଫିସ, ୧୦।୧୧**

ଅନୁଗୋଳ ଜିଲାରେ ଥିବା କୋଇଲା ଖଣିରୁ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ସହ ଆଉ ୧୨ଟି ବେସରକାରୀ ଶିଳ୍ପ ସଂସ୍ଥା ଖୁବ୍‌ଶୀଘ୍ର କୋଇଲା ଉତ୍ତୋଳନ କରିବେ। ଏଥିସହ ଅନୁଗୋଳ ଓ ଢେଙ୍କାନାଳ ଜିଲାର ଶିଳ୍ପାନୁଷ୍ଠାନ ଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଏକ ଲୋକାଭିମୁଖୀ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ଉକ୍ତ ୨ ଜିଲାରେ ଦୁଇଟି ଏମ୍‌ଏସ୍‌ଏମ୍‌ଇ ପାର୍କ ମଧ୍ୟ ପ୍ରତିଷ୍ଠା ହେବ। ଅନୁଗୋଳସ୍ଥିତ ନାଲ୍‌କୋ ଅଡିଟୋରିୟମ୍‌ରେ ଆରମ୍ଭ ହୋଇଥିବା ୨ ଦିନିଆ ଇଣ୍ଡଷ୍ଟ୍ରି କେୟାର କର୍ମଶାଳାରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ୍ କୁମାର ତ୍ରିପାଠୀ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

କର୍ମଶାଳାର ପ୍ରଥମ ଦିନରେ ୪୨ଟି ବୃହତ୍ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଥିଲା। ବିଶେଷକରି ଆବଶ୍ୟକ କଞ୍ଚାମାଲ, ଭିତ୍ତିଭୂମି, ପ୍ରଦୂଷଣ ପ୍ରମାଣପତ୍ର, ରାସ୍ତା ସଂଯୋଗ, ପାଚେରି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରେଳ ସଂଯୋଗୀକରଣ, ପାନୀୟ ଜଳ, ବିସ୍ଥାପିତମାନଙ୍କୁ କ୍ଷତିପୂରଣ ଓ ଆନୁଷଙ୍ଗିକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗୁରୁବାର ଦ୍ୱିତୀୟ ଦିନରେ ୧୫୦ଟି ଏମ୍‌ଏସ୍‌ଏମ୍‌ଇ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯିବ। ଅନୁଗୋଳ ଜିଲାରୁ କୋଇଲା ଖନନ କରିବାକୁ ଥିବା ୧୨ଟି ବେସରକାରୀ ଶିଳ୍ପ ଅନୁଷ୍ଠାନମାନେ କିପରି ସୁବିଧାରେ ଆନୁଷଙ୍ଗିକ ସହାୟତା ପାଇପାରିବେ ସେ ଦିଗରେ ଆଲୋଚନା ହୋଇଥିଲା। ଏ ନେଇ ଡିପିଆର୍ ପ୍ରସ୍ତୁତ କରାଯାଇସାରିଛି। କୋଲ୍ କରିଡର ନିର୍ମାଣ ଦାୟିତ୍ୱ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ନୂଆ ଶିଳ୍ପାନୁଷ୍ଠାନଗୁଡ଼ିକରେ କିପରି ଦକ୍ଷ ଶ୍ରମିକ ନିୟୋଜିତ ହୋଇପାରିବେ, ସେ ଦିଗରେ ମିଳିତ ଉଦ୍ୟମ କରିବାକୁ ପରାମର୍ଶ ଦିଆଯାଇଥିଲା। ଅନୁଗୋଳ ଓ ଢେଙ୍କାନାଳ ଜିଲାରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀମାନଙ୍କୁ ଅଧିକ ସୁବିଧା ସୁଯୋଗ ଦେବା ପାଇଁ ନୂଆ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା ହେବ। ଆଲୁମିନିୟମ୍ ପାର୍କକୁ ୫ଶହ ଏକରକୁ ସମ୍ପ୍ରସାରଣ କରାଯିବ। ବର୍ତ୍ତମାନ ୧୦୦ କୋଟି ଟଙ୍କା ବିନିମୟରେ ଢେଙ୍କାନାଳ ଠାରେ ଇଡ୍‌କୋ ପାର୍କର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ସେହିପରି ଦୁଇଟି ଜିଲାରେ ଶିଳ୍ପାଞ୍ଚଳ ଓ କୃଷି ପାଇଁ ସୁବିଧା ଥିବାରୁ ବିଭିନ୍ନ ବିଭାଗକୁ ନେଇ ଚାଷ ସମ୍ପର୍କିତ ଆଲୋଚନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ପ୍ରକାଶ କରିଥିଲେ। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ଶିଳ୍ପ ଓ ଉଦ୍ୟୋଗ ସମ୍ପର୍କିତ ସମସ୍ୟା ନେଇ ଆଲୋଚନା କରିଥିଲେ। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଶିଳ୍ପ ଅନୁଷ୍ଠାନଗୁଡିକର ସମସ୍ୟାର ସମାଧାନ ଦିଗରେ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇପିକଲ ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର, ଶିଳ୍ପ ବିଭାଗ ନିର୍ଦ୍ଦେଶକ ସାଦିକ୍ ଆଲାମ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ଓ ବିଭିନ୍ନ ଶିଳ୍ପସଂସ୍ଥାର କର୍ମକର୍ତ୍ତା ଯୋଗ ଦେଇଥିଲେ।



ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କ ସହ ଅନ୍ୟ ଅଧିକାରୀମାନେ।

- ■ଅନୁଗୋଳରେ ୨ ଦିନିଆ ଇଣ୍ଡଷ୍ଟ୍ରି କେୟାର କର୍ମଶାଳା
- ■ପ୍ରଥମ ଦିନରେ ୪୨ ବୃହତ୍ ଶିଳ୍ପ ସଂସ୍ଥା ସହ ଆଲୋଚନା
- ■ଗୁରୁବାର ଯୋଗଦେବେ ୧୫୦ ଏମ୍‌ଏସ୍‌ଏମ୍‌ଇ କର୍ମକର୍ତ୍ତା

# ଦାବିପତ୍ର ଦେଲେ ଆଉଟସୋର୍ସିଂ କର୍ମଚାରୀ

**ଅନୁଗୋଳ ଅଫିସ, ୧୦।୧୧**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀମାନେ ୪ ମାସ ହେବ ଦରମା ପାଇନାହାନ୍ତି। ତେଣୁ ଦରମା ଦାବିରେ ବୁଧବାର ସେମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଗ୍ରହଣ ସହ ବିଲ୍ ପାସ୍ ପରେ ଦରମା ପ୍ରଦାନ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଶତାଧିକ ଆଉଟସୋର୍ସିଂ କର୍ମଚାରୀଙ୍କୁ ଗତ ୪ ମାସ ହେଲା ଦରମା ଦିଆଯାଇ ନାହିଁ। ଏ ନେଇ ଗତ ମଙ୍ଗଳବାର 'ଧରିତ୍ରୀ'ରେ 'ଆଉଟସୋର୍ସିଂ କର୍ମଚାରୀଙ୍କ ସହ ଅବିଚାର' ଶୀର୍ଷକ ସ୍ୱତନ୍ତ୍ର ଷ୍ଟୋରି ପ୍ରକାଶ ପାଇଥିଲା। ଏହାପରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ମଧ୍ୟରେ ଦରମା ଦାବି ଜୋର୍ ଧରିଛି। ସେମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ତୁରନ୍ତ ଦରମା ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି, ସମ୍ପୃକ୍ତ କର୍ମଚାରୀମାନଙ୍କୁ ଡିଏମ୍‌ଏଫ୍ ପାଣ୍ଠିରୁ ଦରମା ପ୍ରଦାନ କରାଯାଉଛି। ଏ ସମ୍ପର୍କିତ ଫାଇଲ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ସେଠାରୁ ଅନୁମୋଦନ ମିଳିବା ପରେ ଦରମା ପ୍ରଦାନ କରାଯିବ।




ଦାବିପତ୍ର ଦେବାକୁ ଆସିଥିବା ଆଉଟସୋର୍ସିଂ କର୍ମଚାରୀମାନେ।

# ଶେଷ ହେଲା ରତ୍ନମୁଦ ଉତ୍ସବ

**ଛେଣ୍ଡିପଦା,୧୦।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତର ଖମାର ବାବା ବାଣେଶ୍ୱର ମନ୍ଦିର ପରିସରରେ ଥିବା ମା'କନକଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଗ୍ରାମବାସୀ ଏକ ମାସ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିଥିଲେ। ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ପଣ୍ଡିତ ପ୍ରସନ୍ନ ଆଚାର୍ଯ୍ୟ ଓ ପୀତବାସ ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ପୂର୍ବତନ ସଭାପତି ନେତ୍ରାନନ୍ଦ ଗଡନାୟକ ଉପସ୍ଥିତ ଥିଲେ। ଗ୍ରାମ ସଭାପତି କୁଳମଣି ଗଡନାୟକ, ସମ୍ପାଦକ ଘାସିରାମ ମାଝି, ସରପଞ୍ଚ ବିଜୟ କୁମାର ଗଡନାୟକ, ସମିତି ସଭ୍ୟ ଧୀରେନ ବାରିକ, ଉପସଭାପତି ଚୈତନ୍ୟ ସାହୁ, ମନ୍ଦିର କମିଟି ସମ୍ପାଦକ ଡିଲେଶ୍ୱର ଗଡନାୟକ, ବୈଷ୍ଣବ ମାଝି ଏବଂ ଯୁବଗୋଷ୍ଠୀ ନେତୃତ୍ୱ ନେଇଥିଲେ।




କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

# ଗୋ ପାଳନ ଉପରେ ଗୁରୁତ୍ୱ




କଣ୍ଟେଇକୋଳିଆସ୍ଥିତ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବଇଣ୍ଡା,୧୦।୧୧(ଡି.ଏନ.ଏ.)**

ଗ୍ରାମାଞ୍ଚଳର ଆର୍ଥିକ ଉନ୍ନତିରେ ଗୋପାଳନର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। କିଶୋରନଗର ବ୍ଲକ କଣ୍ଟେଇକୋଳିଆସ୍ଥିତ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବରେ ବୁଧବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ରଜନୀକାନ୍ତ ସିଂହ ଏହି ମତ ପ୍ରକାଶ କରିଛନ୍ତି। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଞ୍ଜିତ କୁମାର ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଗୋ ପାଳନ ସଂଖ୍ୟା କିପରି ବଢ଼ିବ ତାହା ଉପରେ ସରକାର ଗୁରୁତ୍ୱ ଦେଉଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପ୍ରଧାନ, ସରପଞ୍ଚ କୁମୁଦିନୀ ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ୮ଟି ବ୍ଲକର ଶ୍ରେଷ୍ଠ ୮ ଜଣ ଗୋ ପାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଇଚ୍ଛାପୁର ହାଇସ୍କୁଲ ପରିସରରେ ଏକ ରଚନା, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡା. ବିକାଶ କୁମାର ବେହେରା, ଡା. ପଲ୍ଲବୀ ପ୍ରିୟଦର୍ଶିନୀ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ନୀଳାଞ୍ଚଳ ସେନାପତି ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୧୩ରୁ ରାଜ୍ୟସ୍ତରୀୟ ଖୋଖୋ ଚାମ୍ପିୟନଶିପ୍

**ଅନୁଗୋଳ ଅଫିସ, ୧୦।୧୧**

ଅନୁଗୋଳ ଷ୍ଟାଡିୟମରେ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ବରିଷ୍ଠ ଖୋଖୋ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏଥିରେ ଭାଗ ନେବାକୁ ଥିବା ୭୫୦ ଜଣ ଖେଳାଳି ଓ କର୍ମକର୍ତ୍ତା ୧୨ ତାରିଖରେ ଅନୁଗୋଳରେ ପହଞ୍ଚିବେ। ସ୍ଥାନୀୟ ମାରୁୱାଡି ଧର୍ମଶାଳା ଓ ତାମଡା କଲ୍ୟାଣମଣ୍ଡପଠାରେ ସେମାନଙ୍କ ରହିବାର ବ୍ୟବସ୍ଥା କରାଯାଇଛି। ଦୀର୍ଘବର୍ଷ ପରେ ରାଜ୍ୟସ୍ତରୀୟ ଖେଳ ଅନୁଗୋଳରେ ଆୟୋଜନ ହେଉଥିବାରୁ ଏହାର ସଫଳ ପରିଚାଳନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କୋଭିଡ୍ ନିୟମାବଳୀ ଆଧାରରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହେବ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଡେପୁଟି କଲେକ୍ଟର ବଇତୁରା ଦୀପ୍, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ କୁମାର ନାୟକ ଓ ଜିଲା କ୍ରୀଡା ସଂସଦ ସମ୍ପାଦକ ନୀଳମଣି ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ।

# ମହିଳା ସଶକ୍ତୀକରଣ ଉପରେ ଆଲୋଚନା

**ଅନୁଗୋଳ ଅଫିସ, ୧୦।୧୧**

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମହିଳା ସଶକ୍ତୀକରଣ ଉଦ୍ଦେଶ୍ୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ସୌଭାଗ୍ୟ ଲକ୍ଷ୍ମୀ ପଟ୍ଟନାୟକ, ପୌର୍ଣ୍ଣମାସୀ ରଥ, ମମତା ରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ଗଠନରେ ନାରୀର ଗୁରୁ ଦାୟିତ୍ୱ ଓ ମହନୀୟତା ବିଷୟରେ ଆଲୋଚନା ହୋଇଥିଲା। ଏହିସହିତ ସାମାଜିକ ଓ ଆର୍ଥିକ ସ୍ତରରେ ପଛୁଆଥିବା ବ୍ୟକ୍ତି କିପରି ବିନା ଦେୟରେ ଆଇନସେବା ପାଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୋଲିସ ବିଭାଗର ମହିଳା କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ଆଇନସେବା ପ୍ରାଧିକରଣ ସଚିବ ଏସ. ଶୁଭଲକ୍ଷ୍ମୀ ଏହାକୁ ପରିଚାଳନା କରିଥିଲେ।




ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଉଚ୍ଚ ବିଦ୍ୟାଳୟ ନାମରେ ଜମିପଟ୍ଟା ନିର୍ଦ୍ଦେଶ

**ଆଠମଲ୍ଲିକ,୧୦।୧୧(ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ନିଜ ନାମରେ ଜମିପଟ୍ଟା କରାଇବାକୁ ଉପଜିଲାପାଳ ଲଳିତ ମୋହନ ବେହେରା ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଉପଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ କହିଥିଲେ, ୫-ଟି ବିଭାଗ ତଥା ମୋ ସ୍କୁଲ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଉଚ୍ଚ ବିଦ୍ୟାଳୟଗୁଡିକର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। କିନ୍ତୁ ଅନେକ ସ୍କୁଲ ନାମରେ ଜମିପଟ୍ଟା ନାହିଁ। ତେଣୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ଉଚ୍ଚ ବିଦ୍ୟାଳୟ ନାମରେ ଜମିପଟ୍ଟା କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ସୋଫି ସୈନିକା, ବ୍ଲକ ଶିକ୍ଷା ଅଧିକାରୀ ଓ ୫-ଟି ଅନ୍ତର୍ଭୁକ୍ତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

**ଅନୁଗୋଳ ଅଫିସ, ୧୦।୧୧**

ଚଳିତ ରବି ଋତୁ ପାଇଁ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଓ ଜିଲାସ୍ତରୀୟ କ୍ଷୁଦ୍ର ଶସ୍ୟ ସଂଗ୍ରହ କମିଟି ବୈଠକ ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍କାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଓ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଦେବରାଜ ମହାନ୍ତି ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଚଳିତ ରବି ଋତୁ ପାଇଁ ଜିଲାର ୯୬ ହଜାର ୫୨୬ ହେକ୍ଟର ଜମିରେ ଧାନ ଓ ଅଣଧାନ ଚାଷ ଏବଂ ୩୯ ହଜାର ୮୦୭ ହେକ୍ଟର ଜମିରେ ଜଳସେଚନ ଦ୍ୱାରା ବିଭିନ୍ନ ଫସଲ କରିବାକୁ ଯୋଜନା କରାଯାଇଛି। ଚାଷୀମାନଙ୍କୁ ୩୦୨୧ କୁଇଣ୍ଟାଲ ବିହନ ଯୋଗାଯିବା ବ୍ୟବସ୍ଥା ହୋଇଛି। ଉପ ଉଦ୍ୟାନ ନିର୍ଦ୍ଦେଶକ ପଦ୍ମ ଲୋଚନ ଦାସ ଓ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିଭାଗୀୟ ଯୋଜନା ଉପରେ ଆଲୋକପାତ କରିଥିଲେ। କ୍ଷୁଦ୍ର ଶସ୍ୟ କମିଟି ବୈଠକରେ ଟିଡିସିସିଓଏଲ୍ ସମ୍ବଲପୁର ଶାଖାର ପରିଚାଳକ କ୍ଷୁଦ୍ର ଶସ୍ୟ ସଂଗ୍ରହର ସମସ୍ତ ଦିଗ ଉପରେ ଆଲୋକପାତ କରିଥିଲେ। ୧୦ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୨୦ଟି ସଂଗ୍ରହ କେନ୍ଦ୍ର ମାଧ୍ୟମରେ ମୋଟ୍ ୧୧୧୮ କୁଇଣ୍ଟାଲ କ୍ଷୁଦ୍ର ଶସ୍ୟ ସଂଗ୍ରହ କରିବାକୁ ଯୋଜନା କରାଯାଇଛି। ଏହି ବୈଠକରେ ବିଭାଗୀୟ ଅଧିକାରୀ, ବ୍ୟାଙ୍କ କର୍ତ୍ତୃପକ୍ଷ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ନୂତନ କର୍ମକର୍ତ୍ତା ଚୟନ

**ଛେଣ୍ଡିପଦା,୧୦।୧୧(ସ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମଠାରେ ଜିଲା ଗୋଁଣ୍ଡୱାନା ଗୋଁଣ୍ଡ ଆୟୋଜନ ସମିତିର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଶେଷ ହୋଇଛି। ଏହି ସ୍ୱତନ୍ତ୍ର ବୈଠକରେ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲା ସଭାପତି ବିରଞ୍ଚି ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରାଦେଶିକ ମହାସଚିବ ପ୍ୟାରୀମୋହନ ନାୟକ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରାଦେଶିକ ମହିଳା ସଭାପତି ସୁକାନ୍ତବାଳା ନାୟକ, ଉପସଭାପତି ଦମୟନ୍ତୀ ମହାପାତ୍ର ଉପସ୍ଥିତ ଥିଲେ। ସଦାଶିବ ନାୟକଙ୍କୁ ନୂତନ ସଭାପତି ଓ ମହିଳା ମୋର୍ଚ୍ଚା ସଭାପତି ଭାବେ ସୋଭାଗିନୀ ନାୟକଙ୍କୁ ନିର୍ବାଚିତ କରାଯାଇଥିଲା। ତାଳଚେର ଓ ଛେଣ୍ଡିପଦା ଅଞ୍ଚଳ ପାଇଁ ହରିହର ଗଡନାୟକଙ୍କୁ ଉପସଭାପତି କରାଯାଇଥିଲା। କୋଷାଧ୍ୟକ୍ଷ କୃପାସିନ୍ଧୁ ନାୟକ, ଉପଦେଷ୍ଟା ସନାତନ ନାୟକ, ମହେନ୍ଦ୍ର ସିଂଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମକର୍ତ୍ତା ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଗୋଁଣ୍ଡୱାନା ଗୋଁଣ୍ଡ ଆୟୋଜନ ସମିତି କର୍ମକର୍ତ୍ତାମାନେ।

# ସ୍ୱାସ୍ଥ୍ୟସେବା ନେଇ ଆଲୋଚନା

**ଅନୁଗୋଳ ଅଫିସ, ୧୦।୧୧**

ଅନୁଗୋଳ ଜିଲାରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସ୍ୱାସ୍ଥ୍ୟସେବାର ସମାଧାନ ଦାବି ନେଇ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ବୁଧବାର ଏକ ପ୍ରତିନିଧି ମଣ୍ଡଳୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ୧୨ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସପ୍ତାହରେ ଦିନେ ଆସି ଚିକିତ୍ସା ସେବା ଯୋଗାଉଥିବା କାର୍ଡିଓଲୋଜି, ନ୍ୟୁରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, ଗ୍ୟାଷ୍ଟ୍ରୋଲୋଜି ବିଶେଷଜ୍ଞ ଡାକ୍ତରମାନେ ସର୍ବନିମ୍ନ ୧୦୦ ଜଣ ରୋଗୀ ଦେଖିବା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ମୁଖ୍ୟ ଚିକିତ୍ସାଳୟ ସହ ଉପଖଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦବୀ ପୂରଣ ଆଦି ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ଦିଗରେ ଯଥା ସମ୍ଭବ ପଦକ୍ଷେପ ନିଆଯିବା ସହ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଏହି ପ୍ରତିନିଧି ମଣ୍ଡଳୀରେ କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ତୀର୍ଥବାସୀ ଭୋଇ, ରମେଶ ସାହୁ, ନିରୋଦ ପାଳ, ଅଶୋକ ପ୍ରଧାନ, ଦାମୋଦର ଦାସ, ତ୍ରିଲୋଚନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



କମିଟି କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟୁଛନ୍ତି।

## ସଂକ୍ଷେପରେ

### ନିଯୁକ୍ତି ପରାମର୍ଶ ମେଳା

**ଗଁଦିଆ, ୧୦।୧୧:** ଗଁଦିଆ ବ୍ଲକ କାର୍ଯ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୩୦ ଶିକ୍ଷିତ ଯୁବତୀଯୁବକ ନିଜର ନାମ ପଞ୍ଜୀକରଣ କରାଇଛନ୍ତି। ବ୍ଲକ ଅଧକ୍ଷା ଗୀତାଞ୍ଜଳି ଭୂୟାଁ, ଏବିଡିଓ କିଶୋର ଚନ୍ଦ୍ର ସାହୁ, ପିଏ ନିରାକାର ନାୟକ ଉପସ୍ଥିତ ରହି ମାର୍ଗଦର୍ଶନ କରାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ନିୟୋଜନ କାର୍ଯ୍ୟାଳୟର ମୁଖ୍ୟ କିରାଣି ଲମ୍ବୋଦର ସାହୁ, ପରାମର୍ଶଦାତା ସଙ୍ଗୀତା ଦାସ, କାଉନସିଲର ରତ୍ନପର୍ଣ୍ଣା ଦାସ, ବ୍ଲକ ଜୀବିକା ମିଶନର ସସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିପିଏମ୍ ବୀରକିଶୋର ପଣ୍ଡା, ବିଏଫ୍‌ସି ମଧୁସ୍ମିତା ବିଶ୍ୱାଳ, ଅନ୍ତର୍ଯ୍ୟାମୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କାମାକ୍ଷାନଗର ଏନ୍‌ଏସି: ଚିଠା ସଂରକ୍ଷଣ ତାଲିକା ପ୍ରକାଶ

**କାମାକ୍ଷାନଗର, ୧୦।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ପୌର ନିର୍ବାଚନ ପାଇଁ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ମୋଟ ୧୫ ୱାର୍ଡ ମଧ୍ୟରୁ ୫ଟି ଅଣସଂରକ୍ଷିତ ଥିବାବେଳେ ମହିଳାଙ୍କ ଲାଗି ୭ ଆସନ ଉଦ୍ଦିଷ୍ଟ ରହିଛି। ୧ନଂ. ୱାର୍ଡ ପଛୁଆ ବର୍ଗ, ୮ ଏବଂ ୧୦ନଂ. ୱାର୍ଡ ପଛୁଆ ବର୍ଗ ମହିଳା, ୨ ଏବଂ ୧୫ନଂ. ୱାର୍ଡ ଅନୁସୂଚିତ ଜାତି ମହିଳା, ୫ନଂ.ୱାର୍ଡ ଅନୁସୂଚିତ ଜାତି, ୬ନଂ. ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୩ନଂ., ୪ନଂ., ୧୪ନଂ. ୱାର୍ଡ ମହିଳା ବର୍ଗଙ୍କ ଲାଗି ସଂରକ୍ଷିତ ରହିଛି। ସେହିପରି ୭, ୯,୧୧,୧୨,୧୩ନଂ. ୱାର୍ଡ ଅଣସଂରକ୍ଷିତ ରଖାଯାଇଛି। ସଂରକ୍ଷିତ ଚିଠା ତାଲିକା ନେଇ କୌଣସି ଆପତ୍ତି ଥିଲେ ୧୦ ଦିନ ମଧ୍ୟରେ ଅଭିଯୋଗ ଗ୍ରହଣ କରାଯିବ। ଏହାପରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥ ସୂଚନା ଦେଇଛନ୍ତି।

### ୧୨ରେ କଂଗ୍ରେସର ୬ ଘଣ୍ଟିଆ ବନ୍ଦ

**ଢେଙ୍କାନାଳ ଅଫିସ, ୧୦।୧୧:** ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ରାଜ୍ୟ ସରକାର ଅଭିଯୁକ୍ତ ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆସନ୍ତା ୧୨ ତାରିଖରେ ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ୬ ଘଣ୍ଟିଆ ବନ୍ଦ ପାଳନ ହେବ। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଏହି ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବାକୁ ଜିଲା କଂଗ୍ରେସ ସଭାପତି ସରୋଜ କୁମାର ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଉକ୍ତ ଦିନ ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ବନ୍ଦ ରଖିଲେ ଏହା ମମିତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ହେବ ବୋଲି ଜିଲା ସଭାପତି କହିଛନ୍ତି।

### ୫ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୧୦।୧୧:** ଢେଙ୍କାନାଳ ଜିଲାରେ ଦିନେ କମିଲେ ଆରଦିନକୁ ବଢୁଛି ସଂକ୍ରମଣ। ବୁଧବାର ମୋଟ ୧ ହଜାର ୭୩୨ ଟେଷ୍ଟିଂ କରାଯାଇଥିବାବେଳେ ୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ହିନ୍ଦୋଳ ଏନ୍‌ଏସିରୁ ୨, କାମାକ୍ଷାନଗର ବ୍ଲକରୁ ୨, ଓଡ଼ାପଡ଼ାରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୮୯୮ରେ ପହଞ୍ଚିଛି। ସେହିପରି ଚିକିତ୍ସା ପରେ ୧୯ ହଜାର ୬୨୭ ଜଣ ସୁସ୍ଥ ହୋଇ ସାରିଲେଣି। ଏବେ ୨୮ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୩ରେ ସୀମିତ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ଅନୁଧ୍ୟାନ

**କଣିହାଁ, ୧୦।୧୧(ଡି.ଏନ୍.ଏ.):** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ଟିମ୍ ବୁଧବାର କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଅଧିକାରୀମାନେ କାୟାକଳ୍ପ ଅଧୀନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଏବଂ ଗୁଣବତ୍ତା ତର୍ଜମା କରିଥିଲେ। ଜିଲା କ୍ୱାଲିଟି ଆସ୍ୟୁରାନ୍ସ ଟିମ୍ ମ୍ୟାନେଜର ବ୍ରତିନ କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ ରାଉତ, ଆୟୁଷ ଡାକ୍ତର ରାକେଶ ମହାରଣା, ବିପିଏମ୍ ମୋନାଲିସା ପ୍ରଧାନ, ଆକାଉଣ୍ଟ ମ୍ୟାନେଜର ଅନୁପ କୁମାର କର ପ୍ରମୁଖ ଉକ୍ତ ଟିମ୍‌ରେ ଆସିଥିଲେ। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ଉକ୍ତ ଟିମ୍ ବୀରୁ, ପବିତ୍ରନଗର, ବଜ୍ରକୋଟ, କୁଲୁମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ପରିଦର୍ଶନ କରିଛନ୍ତି। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁମନ୍ତ କୁମାର ପଟେଲ, ବୀରୁ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଦିଲୀପ ପ୍ରଧାନ, କୁଲୁମା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୌରଭ ସୁରେଶ୍ୱର ସାହୁ, ବଜ୍ରକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅମୃତା ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଚମକିବ ରାମଚଣ୍ଡୀ ପୀଠ

- ଦଦରାଘାଟି ଡ୍ୟାମ୍ ବିକାଶ ପାଇଁ ରୋଡ୍ ମ୍ୟାପ୍
- ସୃଷ୍ଟି କରାଯିବ ପର୍ଯ୍ୟଟକ ଅନୁକୂଳ ବାତାବରଣ
- ପର୍ଯ୍ୟଟନ ବିଭାଗ ଦେଲା ୨.୧୭ କୋଟିର ପ୍ରସ୍ତାବ

**ଢେଙ୍କାନାଳ ଅଫିସ, ୧୦।୧୧**

ଢେଙ୍କାନାଳ ଜିଲାର ଐତିହ୍ୟସମ୍ପନ୍ନ ପୀଠ ଏବଂ ଡ୍ୟାମ୍‌ଗୁଡ଼ିକର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଣ୍ଟା ଭିଡ଼ିଛି ପର୍ଯ୍ୟଟନ ବିଭାଗ। ଏହି ପରିପ୍ରେକ୍ଷୀରେ ପ୍ରସିଦ୍ଧ ଶକ୍ତିକ୍ଷେତ୍ର ନାଧରା ରାମଚଣ୍ଡୀ ପୀଠ ଏବଂ ଦଦରାଘାଟି ଡ୍ୟାମର ଉନ୍ନତୀକରଣ ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିଲାଗି ଜିଲା ପର୍ଯ୍ୟଟନ


ନାଧରା ରାମଚଣ୍ଡୀ ପୀଠ

ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨.୧୭ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବକୁ ଅନୁମୋଦନ ମିଳିବା ପରେ ପର୍ଯ୍ୟଟନ ଅନୁକୂଳ ବାତାବରଣ ସୃଷ୍ଟି ଲାଗି ଆବଶ୍ୟକ କାର୍ଯ୍ୟ କରାଯିବ ବୋଲି ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି।

ଓଡ଼ାପଡ଼ା ବ୍ଲକ ନାଧରା ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ମା' ରାମଚଣ୍ଡୀଙ୍କ ପୀଠ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର। ପବିତ୍ର ମକର ସଂକ୍ରାନ୍ତି ଯାତ୍ରାରେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଶାନ୍ତ ପରିବେଶ ପାଇଁ ଏହି ନଦୀ ଉପକୂଳବର୍ତ୍ତୀ ଅଞ୍ଚଳ ଦୀର୍ଘ ବର୍ଷ ହେଲା ପର୍ଯ୍ୟଟକଙ୍କ ପସନ୍ଦର ସ୍ଥାନ ପାଲଟିଛି। ହେଲେ ଆନୁଷଙ୍ଗିକ ଭିତ୍ତିଭୂମି ନ ଥିବାରୁ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।


ଦଦରାଘାଟି ଡ୍ୟାମ୍

ତେଣୁ ପୀଠର ବିକାଶ କରିବା ସହିତ ପର୍ଯ୍ୟଟନ ଭିତ୍ତିଭୂମି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ତଦନୁଯାୟୀ ପୀଠ ନିକଟରେ ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଗୋଷ୍ଠୀ ଶୌଚାଳୟ, ବିଶ୍ରାମାଗାର, ପାର୍କିଂ ସୁବିଧା, ବଣଭୋଜି ପାଇଁ ପିଣ୍ଡି, ଆପ୍ରୋଚ୍ ରୋଡ୍ ଆଦି ନିର୍ମାଣ ପାଇଁ ୧ କୋଟି ୧୫ଲକ୍ଷ ଟଙ୍କାର ପ୍ରସ୍ତାବ ଦିଆଯାଇଛି।

ସେହିପରି ପରଜଙ୍ଗ ବ୍ଲକର ବଣପାହାଡ଼ ଘେରା ଦଦରାଘାଟି ଡ୍ୟାମ ପର୍ଯ୍ୟଟନ ଋତୁରେ ମୁଖରିତ ହୋଇଉଠେ। ଅକ୍ଟୋବରଠାରୁ ବିଦେଶୀ ପକ୍ଷୀଙ୍କ କଳରବରେ ଫାଟି ପଡ଼େ ଜଳଭଣ୍ଡାର। ଡ୍ୟାମ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହାତୀଙ୍କ ଜଳକ୍ରୀଡ଼ା ଦୃଶ୍ୟ ଯେତିକି ମନୋରମ ସେତିକି ଆନନ୍ଦଦାୟକ। ତେଣୁ ଦଦରାଘାଟି ଡ୍ୟାମ୍‌ରେ ବଣଭୋଜି ଓ ପିକ୍‌ନିକ୍ ପାଇଁ ପିଣ୍ଡି, ବିଶ୍ରାମାଗାର, ୱାଚ୍ ଟାୱାର, ଟଏଲେଟ୍, ପାର୍କିଂ ସେଣ୍ଟର, ଆପ୍ରୋଚ୍ ରୋଡ, ବୋରୱେଲ, ଓଭରହେଡ ଟ୍ୟାଙ୍କ ନିର୍ମାଣ କରାଯିବ। ଏଥିଲାଗି ରାଜ୍ୟ ସରକାରଙ୍କୁ ଗତ ଅକ୍ଟୋବରରେ ୧କୋଟି ୨ଲକ୍ଷ ଟଙ୍କାର ପ୍ରସ୍ତାବ ଦିଆଯାଇଛି।

ଅନ୍ୟପଟେ ସପ୍ତଶଯ୍ୟା, କପିଳାସ, ଯୋରନ୍ଦାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଏବଂ ପର୍ଯ୍ୟଟନ ବିଭାଗର ଆର୍କିଟେକ୍ଟମାନେ ଆସି ସର୍ଭେ କରି ଯାଇଛନ୍ତି।

ଏ ସଂକ୍ରାନ୍ତରେ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କୁହନ୍ତି, ନାଧରା ମା' ରାମଚଣ୍ଡୀ ପୀଠ ଏବଂ ଦଦରାଘାଟି ଜଳଭଣ୍ଡାର ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ ଲାଗି ରାଜ୍ୟ ସରକାରଙ୍କୁ ୨ କୋଟି ୧୭ଲକ୍ଷ ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଅନୁମୋଦନ ହୋଇ ଅନୁଦାନ ଆସିଲେ ଆନୁଷଙ୍ଗିକ କାମ ଆରମ୍ଭ ହେବ।

## 'ବିଜ୍ଞାନ ବନାମ ଚମତ୍କାର'ର ଶୁଭାରମ୍ଭ

**ଢେଙ୍କାନାଳ ଅଫିସ, ୧୦।୧୧**

ପ୍ରତିଟି ମ୍ୟାଜିକ୍ ପଛରେ ରହିଛି ବିଜ୍ଞାନର କରାମତି, ଯାହାକୁ ବ୍ୟବହାର କରି ଯାଦୁକର ଆଶ୍ଚର୍ଯ୍ୟଚକିତ କରିବା ଭଳି ଯାଦୁବିଦ୍ୟା ପ୍ରଦର୍ଶନ କରିଥାଆନ୍ତି। ବିଜ୍ଞାନର ଏଭଳି କରାମତିକୁ ଜନମାନସରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପରିସରରେ ବୁଧବାରଠାରୁ ଆରମ୍ଭ ହୋଇଛି 'ବିଜ୍ଞାନ ବନାମ ଚମତ୍କାର'। ଅନ୍ତର୍ଜାତୀୟ ବିଜ୍ଞାନ କେନ୍ଦ୍ର ଓ ବିଜ୍ଞାନ ସଂଗ୍ରହାଳୟ ଦିବସ-୨୦୨୧ ପାଳନ ଅବସରରେ ଏହି ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଶୂନ୍ୟରୁ ବିଭୂତି ତିଆରି କରିବା, ରଙ୍ଗ ଦୃଶ୍ୟ ଓ ଅଦୃଶ୍ୟ, ପାଣି ଅଦୃଶ୍ୟ, ସାଧାରଣ ଜଳରୁ ଆମ୍ବରସ, ପାଣିରୁ ନିଆଁ ବାହାର କରିବା, ଲେମ୍ବୁରୁ ରକ୍ତ ସୃଷ୍ଟି କରିବା, ନିଆଁକୁ ଗିଳିବା, ନିଆଁରେ ଚାଲିବା ଆଦିର ପ୍ରାକ୍ଟିକାଲ ପରୀକ୍ଷଣ କରାଯାଇଥିଲା। ଏଥିସହିତ ସମ୍ମୋହନ କରିବା ପଛର ବିଜ୍ଞାନକୁ ବ୍ୟାଖ୍ୟା କରାଯାଇଥିଲା।

ଜିଲା ବିଜ୍ଞାନ ଅଧିକାରୀ ଏମ୍.ଏମ୍. ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ସରକାରୀ ଏଏନ୍‌ଏମ୍ ସେଣ୍ଟର ଏବଂ ବିଭିନ୍ନ ସରକାରୀ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏହାକୁ ଉପଭୋଗ କରିଥିଲେ। ଏହାପରେ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲେ। ସନ୍ଧ୍ୟାରେ ଟେଲିସ୍କୋପ୍ ଦ୍ୱାରା ଚନ୍ଦ୍ର, ବୃହସ୍ପତି, ନକ୍ଷତ୍ରଙ୍କ ଗତିବିଧି ଅବଲୋକନ କରାଯାଇଥିଲା। ସଙ୍ଗଠିତ ଗୋଷ୍ଠୀ ଏବଂ ଛାତ୍ରୀଛାତ୍ର ପୂର୍ବରୁ ବୁକିଂ କରି ଏହି କାର୍ଯ୍ୟକ୍ରମ ଦେଖିପାରିବେ ବୋଲି ଜିଲା ବିଜ୍ଞାନ ଅଧିକାରୀ ସୂଚନା ଦେଇଛନ୍ତି।



ବିଜ୍ଞାନର ଚମତ୍କାରିତା ଉପରେ ଧାରଣା ଦିଆଯାଉଛି।

## ବ୍ୟାସକବିଙ୍କ ଅବଦାନ ଅନନ୍ୟ


ପ୍ରଫେସରଙ୍କୁ ସମ୍ମାନିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୦।୧୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ବୁଧବାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ. ରଞ୍ଜନ ସେଠୀ, ଆଠମଲ୍ଲିକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ହୃଷୀକେଶ ମହାଖୁଡ ଯୋଗଦେଇ କହିଲେ, ଓଡ଼ିଆ ସାହିତ୍ୟକୁ ଫକୀରମୋହନଙ୍କ ଅବଦାନ ଅନନ୍ୟ। ବ୍ୟାସକବିଙ୍କ ସାହିତ୍ୟରେ ସମାଜ ସଂସ୍କାରର ବାର୍ତ୍ତା ଦିଆଯାଇଛି। ଏହାକୁ ଯୁବସମାଜ ହୃଦୟଙ୍ଗମ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨ ପ୍ରଫେସରଙ୍କ ସମେତ ନିବନ୍ଧ ପାଠ କରିଥିବା ୮ ଛାତ୍ରୀଛାତ୍ରଙ୍କୁ ସମ୍ମାନସୂଚକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗ ମୁଖ୍ୟ ସୁଧାଂଶୁ କୁମାର ବେହେରା, ଅଧ୍ୟାପିକା ଗୌତମୀ ନାୟକ, ବିଭାବତୀ ଦାସ, ଅଧ୍ୟାପକ ନରେଶ ନାୟକ, ମହେଶ୍ୱର ପଟ୍ଟନାୟକ, ଅଜୟ ସୁବୁଦ୍ଧି, ପୁରାତନ ଛାତ୍ର ସଂସଦ ସଭାପତି ରତିରଞ୍ଜନ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଗୀ ମୃତ୍ୟୁ ଅଭିଯୋଗ, କ୍ୱାକ୍‌ଙ୍କୁ ବାନ୍ଧିଲା ପୋଲିସ

**ଗଁଦିଆ, ୧୦।୧୧**

ପଢ଼ିନାହାନ୍ତି ଡାକ୍ତରୀ ପାଠ କି ନାହିଁ ଯୋଗ୍ୟତା ପ୍ରମାଣପତ୍ର। ତଥାପି ରୋଗୀଙ୍କୁ ଚିକିତ୍ସା କରି ଦେଉଥିଲେ ଔଷଧ ଏବଂ ଇଞ୍ଜେକ୍ସନ। ଫଳସ୍ୱରୂପ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଚାଲିଗଲା ଜଣେ ରୋଗୀଙ୍କ ଜୀବନ। ଏଭଳି ଅଭିଯୋଗ ଆସିବା ପରେ ଗଁଦିଆ ପୋଲିସ ଜଣେ କ୍ୱାକ୍‌ଙ୍କୁ ଗିରଫ କରିଛି। ସେ ହେଲେ ବିଧାରପୁର ପଞ୍ଚାୟତ ଅଧୀନ ଘଣ୍ଟକୋଳିଆ ଗ୍ରାମର ପଧାନ ମୁଣ୍ଡୁରାଇ ଓରଫ୍ ରୁଣ୍ଟୁ (୪୨)। ଅଭିଯୋଗ ଅନୁଯାୟୀ, ଚିକିତ୍ସା ସେବା ବିଷୟରେ ଜ୍ଞାନ ନ ଥାଇ ଅଭିଯୁକ୍ତ ଜଣକ ସୋରିଷିଆପଦା ଅଞ୍ଚଳରେ ରୋଗୀ ଚିକିତ୍ସା କରୁଥିଲେ। ଗତ ଜୁଲାଇରେ ବିଧାରପୁର ଗ୍ରାମର ରଘୁନାଥ ସାହୁ (୫୦)ଙ୍କ ଶରୀର ଅସୁସ୍ଥ ହେବାରୁ ସେ ସମ୍ପୃକ୍ତ କ୍ୱାକ୍‌ଙ୍କ ପରାମର୍ଶରେ ଇଞ୍ଜେକ୍ସନ ନେଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବା ପରେ ପରିବାର ଲୋକେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଗତ ଜୁଲାଇ ୪ରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ୫ ତାରିଖରେ ମୃତକଙ୍କ ବଡ଼ଭାଇ ଗୋପୀନାଥ ସାହୁଙ୍କ ଅଭିଯୋଗ କ୍ରମେ ଥାନାରେ ନଂ. ୧୮୦/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ସେହିଦିନଠାରୁ କ୍ୱାକ୍ ଫେରାର ଥିଲେ।

## ରାସ୍ତା ନିର୍ମାଣ ଦାବିରେ ଅନଶନ

**ଗଁଦିଆ, ୧୦।୧୧**

ଗଁଦିଆ ବ୍ଲକ କାଶୀପୁର ପଞ୍ଚାୟତର ତଳକାଶୀପୁର ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ କରିବା ଦାବିରେ ସାମାଜିକ କର୍ମୀ ତପୁ ଶତପଥୀ ମଙ୍ଗଳବାରଠାରୁ ଅନଶନରେ ବସିଛନ୍ତି। ଅଞ୍ଚଳର ଆରାଧ୍ୟ ଦେବତା କାଶୀଶ୍ୱର ମହାଦେବଙ୍କ ବିଜେସ୍ଥଳୀ ଭାବେ ପରିଚିତ ଏହି ଗ୍ରାମକୁ ଗମନାଗମନ ପାଇଁ ରାସ୍ତା ନାହିଁ। ପୂର୍ବରୁ ବ୍ରାହ୍ମଣୀ ନଦୀପଠାରେ ବସବାସ କରୁଥିବା ଲୋକେ ଜାତୀୟ ରାଜପଥ ପାର୍ଶ୍ୱକୁ ଚାଲି ଆସିଛନ୍ତି। ସେଠାରେ ସେମାନଙ୍କ ଭୂସମ୍ପତ୍ତି ରହିଛି। ଅନ୍ୟପଟେ ଦଳିତ ସମ୍ପ୍ରଦାୟର ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବେ ଗ୍ରାମରେ ରହୁଛନ୍ତି। ରାସ୍ତା ନ ଥିବାରୁ ମହାଦେବଙ୍କ ନୀତିକାନ୍ତି ପ୍ରଭାବିତ ହେଉଛି। ଶ୍ରଦ୍ଧାଳୁମାନେ ସମସ୍ୟା ଭୋଗୁଛନ୍ତି। ତପୁଙ୍କ ପୂର୍ବଜ ରାସ୍ତା ନିର୍ମାଣ ପାଇଁ ବ୍ୟକ୍ତିଗତ ଜମି




ଛାଡ଼ିଥିଲେ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ପରିତ୍ୟକ୍ତ ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାର ମରାମତି କିମ୍ବା ବିକଳ୍ପ ବ୍ୟବସ୍ଥା କରାଯାଉ ବୋଲି ତପୁ ଦାବି କରିଛନ୍ତି। ଅନ୍ୟପଟେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ବୁଧବାର ତପୁଙ୍କ ସହ ଆଲୋଚନା କରିଛନ୍ତି। ବ୍ୟକ୍ତିଗତ ଜାଗା ବିଧିବଦ୍ଧ ଭାବେ ହସ୍ତାନ୍ତର ନ ହେଲେ ଉନ୍ନୟନ ସମ୍ଭବ ନୁହେଁ। ସମସ୍ୟା ସମ୍ପର୍କରେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

## କଟକଣାରେ ହେବ ତପୋବନ ମେଳା

**ଢେଙ୍କାନାଳ ଅଫିସ, ୧୦।୧୧**

ଢେଙ୍କାନାଳ ସଦର ବ୍ଲକ କାଦୁଆସ୍ଥିତ ମହିମାଧର୍ମର ଆଦିପୀଠ ତପୋବନରେ ଆସନ୍ତା ୧୨ ତାରିଖରେ ବାର୍ଷିକ ମେଳା ଅନୁଷ୍ଠିତ ହେବ। କୋଭିଡ୍ କଟକଣା ମଧ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲାପାଳ ସରୋଜ ସେଠୀ ପରାମର୍ଶ ଦେଇଛନ୍ତି। ସର୍ବାଧିକ ୨୦୦ ଶ୍ରଦ୍ଧାଳୁ ଉପସ୍ଥିତ ରହିବା ପାଇଁ ବିଶେଷ ଦୃଷ୍ଟି ଦେବା, ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ରକ୍ଷା, ବିଶୋଧନ ଏବଂ ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ବାରଣ କରାଯାଇଥିବାବେଳେ କୋଭିଡ୍ ଟେଷ୍ଟିଂ ପ୍ରମାଣପତ୍ର ଧରି ଆସିବାକୁ ନିବେଦନ କରାଯାଇଛି। ପୀଠସ୍ଥଳରେ ଟିକାକରଣ କରିବାକୁ ନିଷ୍ପତ୍ତି ହୋଇଛି।

## ଦକ୍ଷତା ବଢ଼ାଉଛି 'ସୁରଭି'

### ବକ୍ତୃତାରେ ଅଙ୍କିତା, ପ୍ରବନ୍ଧରେ ବର୍ଷା ଶ୍ରେଷ୍ଠ

**ଢେଙ୍କାନାଳ ଅଫିସ, ୧୦।୧୧**

ଢେଙ୍କାନାଳସ୍ଥିତ ସୁଲକ୍ଷଣା ଦେବୀ ହାଇସ୍କୁଲରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏଡିଇଓ ସସ୍ମିତା ସାହୁ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ମିନତି ଦେହୁରୀ, ଏବିଇଓ ଅଦ୍ୱୈତ୍ୟ ସାମଲ, ଦେବବ୍ରତ ନାଥ, ଭଗବାନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁରଭି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦକ୍ଷତା ବଢ଼ାଇବାରେ ସହାୟକ ହେଉଛି। ବହୁ ଲୁକ୍କାୟିତ ପ୍ରତିଭା ବାହାରୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବକ୍ତୃତାରେ ଭଗବାନ ବିଦ୍ୟାମନ୍ଦିରର ଅଙ୍କିତା ଜେନା, ପ୍ରବନ୍ଧରେ ଶଙ୍କରପୁର ହାଇସ୍କୁଲର ବର୍ଷା ପ୍ରିୟଦର୍ଶିନୀ ସାହୁ, ଚିତ୍ରାଙ୍କନରେ ବ୍ରଜନାଥ ବଡଜେନା ହାଇସ୍କୁଲର ସୟଦ ଜମାଲ୍ ଖାନ୍, ଏକକ ସଙ୍ଗୀତରେ ତେନ୍ତୁଳିପାଟଣା ଉଚ୍ଚ ପ୍ରାଥମିକ ସ୍କୁଲର ଶୁଭଲକ୍ଷ୍ମୀ ନାଏକ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ କାଇମାଟି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନମିତା ମୁଣ୍ଡା ଏବଂ ସାଥୀ ଶ୍ରେଷ୍ଠ ସ୍ଥାନ ହାସଲ କରି ଜିଲାସ୍ତରକୁ ଚୟନ ହୋଇଛନ୍ତି। କଳା ଶିକ୍ଷକ ସୌରଭ ରାୟ, ଶିକ୍ଷୟିତ୍ରୀ ସୁଲଗ୍ନା ମହାପାତ୍ର, ମମତା ଦାସ, ମାନସୀ କର, ଲୀନା ମହାରଣା, ସିଆର୍‌ସିସି ସଂଯୁକ୍ତା ହୋତା, ଇଚ୍ଛାବତୀ ରାଉତ, ପ୍ରଭାତୀ ବେହେରା, ସୁବାସିନୀ ମିଶ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଅସୀମା ସାହୁ ଏବଂ ସାଥୀ ସଙ୍ଗୀତ ଆବୃତ୍ତି କରିଥିଲେ।


ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## 'ସ୍ୱାବଲମ୍ବୀ କରିବ ଗୋପାଳନ'

### ସମ୍ମାନିତ ହେଲେ ୧୮ ଗୋପାଳକ

**ଭୁବନ, ୧୦।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ପ୍ରାଣୀ ଚିକିତ୍ସାଳୟରେ ବୁଧବାର ୭୦ତମ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗୋପାଳନ ଏକ ଲାଭଜନକ ବ୍ୟବସାୟ। ଏହାଦ୍ୱାରା ଚାଷୀ ପରିବାର ସ୍ୱାବଲମ୍ବୀ ହୋଇପାରିବେ। ଏଥିଲାଗି ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କୃଷି ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଉଦ୍ୟାନ ବିଭାଗ ଅଧିକାରୀ ହିରଣ୍ମୟୀ ପ୍ରଧାନ, ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଭାତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତାଭାବେ କାମାକ୍ଷାନଗର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ମେଜର ପ୍ରଭାତ କୁମାର ଦାସ, ସମ୍ମାନିତ ବକ୍ତା ବାଙ୍କୀ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସକ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ଡା. କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗଦେଇ ଗୋପାଳନର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋ-ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ୧୮ ଶ୍ରେଷ୍ଠ ଗୋପାଳକ ପୁରସ୍କୃତ ହୋଇଥିଲେ। ଓଡ଼ାପଡ଼ା ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସକ ଡା. ଲକ୍ଷ୍ମୀନାରାୟଣ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡା. ସୁଧାଂଶୁ ଶେଖର ବାରିକ, ଡା. ବିଶ୍ୱଭୂଷଣ ସେନାପତି, କାମାକ୍ଷାନଗର ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସଙ୍କ ସମେତ ଭୁବନ ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ ସହଯୋଗ କରିଥିଲେ। ଭୁବନ ଓ ଆଖପାଖ ଅଞ୍ଚଳ ଶତାଧିକ ଚାଷୀ ଉପସ୍ଥିତ ଥିଲେ।


ଜଣେ ଚାଷୀଙ୍କୁ ପୁରସ୍କୃତ କରାଯାଉଛି।

## ମା' କାଳୀଙ୍କୁ ମେଲାଣି

**ଭୁବନ, ୧୦।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନରେ ଚାଲିଥିବା ପ୍ରସିଦ୍ଧ କାଳୀପୂଜା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ବୁଧବାର ଅପରାହ୍ନରେ ଆଡମ୍ବର ପରିବେଶରେ ମା'ଙ୍କୁ ମେଲାଣି ଦେଇଛନ୍ତି ସହରବାସୀ। ଅପରାହ୍ନ ୧୨ରେ କାଳୀବଜାର ବଣିକ ସଂଘ ଏବଂ ସିନେମା ହଲ୍ ଛକ ପୂଜା ମଣ୍ଡପରୁ ଭସାଣି ଆରମ୍ଭ ହୋଇଥିଲା। ନଗର ପରିକ୍ରମା ପରେ ଅପରାହ୍ନ ୫ଟାରେ ବ୍ରାହ୍ମଣୀ ନଦୀରେ ମା'ଙ୍କୁ ବିସର୍ଜନ କରାଯାଇଛି। ଦେବଗଡ଼ର ଘଣ୍ଟ ବାଦ୍ୟ, ପୌରାଣିକ ବେଶଭୂଷାଧାରୀ, ଷଣ୍ଢ ଲଢ଼େଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କମିଟି କର୍ମକର୍ତ୍ତାମାନେ ସମାନ ରଙ୍ଗର ପୋଷାକ ପରିଧାନ କରିଥିଲେ। କାଳୀବଜାର ବଣିକ ସଂଘ ସଭାପତି ସମୀର ସାହୁ, ସିନେମା ହଲ ଛକ କାଳୀପୂଜା କମିଟି ସଭାପତି ସନ୍ତୋଷ କୁମାର ପୋଥାଳଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ଭସାଣି ଶୋଭାଯାତ୍ରାରେ ମା'ଙ୍କୁ ନିଆଯାଉଛି।

GOVT. OF ODISHA

**Government of Odisha** No. B-584

**"e" Procurement Notice**

**Bid Identification No. PWDK-12/2021-22**

e-mail: eepwdkeonjhar@yahoo.com

**No. G2/7381** **Dt.06.11.2021**

1. No. of the Work : 07 Nos. Building Works
2. Estimated Cost : From Rs.41.41 to Rs.42.97 lakhs
3. Period of Completion : 6 (Six) Calendar Months
4. Date and time of availability of Bid document in the portal : From 10.00 hr. 15.11.2021 to 17.00 hr. of 24.11.2021
5. Last date/time for receipt of bids in the portal : 17.00 hr. of 24.11.2021
6. Date of Opening of Bid from Portal : 11.30 hrs. of 25.11.2021
7. Name and address of the Officer Inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal "**http://tendersodisha.gov.in**".

**Sd./- S.K. Behera**
**Superintending Engineer**
**Keonjhar (R&B) Division**
OIPR-34004/11/0007/2122

